ପ୍ରେସ୍‌ନୋଟ୍

# ରାସନ ଦୋକାନରେ ଭିଡ - ଗ୍ରାହକମାନଙ୍କ ପାଇଁ ଜାରି ହେଲା କଟକଣା ।

ଅନୁଗୋଳ, ୨୫.୦୩ :- କରୋନା ଭଳି ମାରାତ୍ମକ ଭାଇରସ୍‌ର ବ୍ୟାପିବାକୁ ଦୃଷ୍ଟିରେ ରଖି ଜିଲ୍ଲା ପ୍ରଶାସନ ଓ ପୋଲିସ ପ୍ରଶାସନ ତରଫରୁ ସରକାରଙ୍କ ନିୟମାବଳୀକୁ କଡାକଡି ପାଳନ କରାଯାଉଛି । ପ୍ରଧାନମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କ ବାର୍ତ୍ତା ଓ ନିବେଦନ ଅନୁଯାୟୀ ଲୋକମାନେ ଘରୁ ବାହାରକୁ ବାହାରନ୍ତୁ ନାହିଁ । ନିଜେ ସତର୍କ ରହିବା ସହ ଆତଙ୍କିତ ହୁଅନ୍ତୁ ନାହିଁ । ଗତକାଲି ରାତି ୮ଟାରେ କରୋନା ସଂକ୍ରମଣକୁ ପରାହତ କରିବା ନିମନ୍ତେ ପ୍ରଧାନମନ୍ତ୍ରୀଙ୍କ ବାର୍ତ୍ତା ଅନୁଯାୟୀ ଆସନ୍ତା ଏପ୍ରିଲ ୧୪ ତାରିଖ ପର୍ଯ୍ୟନ୍ତ ଦେଶର ସମସ୍ତ ରାଜ୍ୟ ଓ କେନ୍ଦ୍ର ଶାସିତ ଅଂଚଳକୁ ସଂପୂର୍ଣ୍ଣ ତାଲା ବନ୍ଦ ବା Lock down ଘୋଷଣା କରାଯାଇଛି । ଅନୁଗୋଳ ଜିଲ୍ଲାରେ ଗତରାତି ଠାରୁ ଆଜି ଅପରାହ୍ଣ ପର୍ଯ୍ୟନ୍ତ ରାସନ ଓ ପରିବା ଦୋକାନଗୁଡିକ ସମ୍ମୁଖରେ ଭିଡ ଦେଖିବାକୁ ମିଳିଥିଲା । ଉତ୍ତର କେନ୍ଦ୍ରାଂଚଳ ଆଇ ଜି ଶ୍ରୀ ନରସିଂହ ଭୋଲ ଆଜି ସକାଳେ ଅନୁଗୋଳ ସହର ପରିଦର୍ଶନ କରି ଏହି ଭିଡକୁ ବାରଣ କରିଥିଲେ । ଆଜି ପୂର୍ବାହ୍ନରେ ଜିଲ୍ଲାପାଳ ଶ୍ରୀ ମନୋଜ କୁମାର ମହାନ୍ତି ଓ ଆରକ୍ଷୀ ଅଧିକ୍ଷକ ଶ୍ରୀ ଜଗମୋହନ ମୀନା ଏହି ଭିଡକୁ କମାଇବା ନିମନ୍ତେ ମାଇକ୍ ମାଧ୍ୟମରେ ପ୍ରଚାର କରିବା ସହ ସମସ୍ତ ପାଇକାରୀ ଓ ଖୁଚୁରା ରାସନ ଦୋକାନ ଓ ପରିବା ଦୋକାନ ସମ୍ମୁଖରେ ୧ରୁ୨ ମିଟର ଦୂରତା ମଧ୍ୟରେ ଧଳା ଗୋଲେଇ ଚିହ୍ନ ଲଗାଇ ଏହି ଚିହ୍ନ ମଧରେ ଧାଡିରେ ଠିଆ ହୋଇ ପରିବା ଓ ରାସନ ସାମଗ୍ରୀ କିଣିବାକୁ ପରାମର୍ଶ ଦେଇଛନ୍ତି । ଏହି ଚିହ୍ନ ଗ୍ରାହକ ଓ ସମ୍ପୃକ୍ତ ବିକ୍ରେତାଂକ ପାଇଁ ଏକ ଲକ୍ଷ୍ମଣ ରେଖା ସଦୃଶ । ଦୋକାନ କାଉଣ୍ଟର ସମ୍ମୁଖରେ ୧ରୁ ୨ ମିଟର ଗୋଲେଇ ଧଳା ଚିହ୍ନ ରହିବ ଓ ଏହି ଚିହ୍ନ ମଧରେ ଗ୍ରାହକ ଧାଡିରେ ଆସି ପରିବା ଓ ରାସନ ସାମଗ୍ରୀ କିଣିପାରିବେ । ଚିହ୍ନ ବାହାରେ ଜମା ହୋଇଥିବା ଗ୍ରାହକମାନଙ୍କୁ ଏହି ସାମଗ୍ରୀ ଦିଆ ନ ଯାଇ ସେମାନଙ୍କ ପ୍ରତି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ । ଗତକାଲି ଅନୁଷ୍ଠିତ ବୈଠକରେ ପାଇକାରୀ ବିକ୍ରେତାମାନଙ୍କ ପାଖରେ ପର୍ଯ୍ୟାପ୍ତ ରାସନ ସାମଗ୍ରୀ ଆଗାମୀ ୧୫ ଦିନ ପାଇଁ ଉପଲବଧ ଅଛି । ମାଲ ପରିବହନ ଉପରେ ପୋଲିସର କୌଣସି କଟକଣା ନ ଥିବାରୁ ନିୟମିତ ଭାବେ ଜିଲ୍ଲାକୁ ଆବଶ୍ୟକ ରାସନ ସାମଗ୍ରୀ ଓ ପନିପରିବା ଆସି ପହଂଚିପାରୁଛି । ସେଥିପାଇଁ ସମସ୍ତେ ଘରେ ରୁହନ୍ତୁ । ଆବଶ୍ୟକତା ଅନୁଯାୟୀ ସାମଗ୍ରୀ କ୍ରୟ୍ କରିବା ସହ ଭିଡ ନ କରିବାକୁ ଉଭୟ୍ ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକ ଗ୍ରାହକମାନଙ୍କୁ ନିବେଦନ କରିଛନ୍ତି । ସମସ୍ତ ପ୍ରକାର ଭତ୍ତା ଓ ସାଧରଣ ବର୍ଣ୍ଟନ ବ୍ୟବସ୍ଥାକୁ ସାମାଜିକ ଦୂରତା ମଧ୍ୟରେ ଓ ସରକାରଂକ ସଂଶୋଧିତ ନିର୍ଦ୍ଦେଶାବଳୀକୁ ଅନୁସରଣ କରି ବଣ୍ଟାଯିବା ସମ୍ପର୍କରେ ଜିଲ୍ଲାପାଳ ପ୍ରକାଶ କରିଥିଲେ ।

ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟ, ଅନୁଗୋଳ ।

ଜ୍ଞାପକ ସଂଖ୍ୟା- ୨୯୮ ତା.୨୫.୩.୨୦୨୦

ଏହାର ଏକକିତା ନକଲ ସମସ୍ତ ଜିଲ୍ଲା ସ୍ତରୀୟ ସାମ୍ବାଦିକଙ୍କ ସଦୟ ଅବଗତି ଓ ଏହାର ପ୍ରକାଶନ ନିମନ୍ତେ ପ୍ରେରଣ କରାଗଲା ।

(signature) ୨୫/୩/୨୦

ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ, ଅନୁଗୋଳ ।


JENA BABU
VEGATABLE SHOP
SAHOO VEGITA
5
6
7

